# ଢେଙ୍କାନାଳ କଲେଜରେ ଛାତ୍ର ଅଶାନ୍ତି




କଲେଜ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଛନ୍ତି।

■ ପ୍ରିନ୍ସିପାଲଙ୍କୁ ହଟାଇବା ଦାବି ଜୋର ଧରିଲା
■ ମୁଖ୍ୟ ଫାଟକରେ ତାଲାପକାଇ ଧାରଣା

**ଢେଙ୍କାନାଳ,୨୫।୩(ରତନ ନାୟାର)**

ଢେଙ୍କାନାଳସ୍ୱୟଂଶାସିତମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ର ଅଶାନ୍ତି ଉଗ୍ରରୂପ ନେଇଛି। କଲେଜ ପ୍ରିନ୍ସିପାଲ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଓ ଛାତ୍ରଙ୍କ ପ୍ରତି ଦୁର୍ବ୍ୟବହାର ଅଭିଯୋଗରେ ପ୍ରିନ୍ସିପାଲଙ୍କୁ ହଟାଇବା ପାଇଁ ଦାବି ଜୋର ଧରିଥିଲା। ଏହାକୁ ନେଇ କଲେଜ ଛାତ୍ରୀଛାତ୍ରମାନେ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ଜାଲ ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଘଟଣାର ତଦନ୍ତ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ ଉପଜିଲାପାଳ ଘଟଣାର ତଦନ୍ତ କରିଥିଲେ । ତଦନ୍ତ ସମୟରେ ୧୯୯୨ ମସିହାରେ ପ୍ରିନ୍ସିପାଲ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିଥିବା ଅଭିଯୋଗ ଅନୁଯାୟୀ ଭିନ୍ନକ୍ଷମ ସାର୍ଟିଫିକେଟ ତଦନ୍ତ ସମୟରେ ଦର୍ଶାଇ ପାରିନଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟର ତଦନ୍ତ ସମ୍ପର୍କିତ ପତ୍ରରେ ଦର୍ଶାଯାଇଛି । ଏହାକୁ ନେଇ ଯଦି ପ୍ରିନ୍ସିପାଲ ପ୍ରକୃତରେ ଭିନ୍ନକ୍ଷମ, ତେବେ କାହିଁକି ପ୍ରମାଣପତ୍ର ତାଙ୍କ ପାଖରେ ନାହିଁ ବୋଲି କହୁଛନ୍ତି, ଏହାକୁ ନେଇ ଛାତ୍ରୀଛାତ୍ର ପ୍ରଶ୍ନ ଉଠାଇଥିଲେ । ସେହିପରି ଅନେକ ସମୟରେ କୌଣସି ସମସ୍ୟାକୁ ନେଇ ଛାତ୍ରୀଛାତ୍ର ତାଙ୍କ ପାଖକୁ ଗଲେ ସେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ତେଣୁ ପ୍ରିନ୍ସିପାଲଙ୍କୁ ତୁରନ୍ତ ହଟାଇବା ପାଇଁ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଦାବି ଜୋର ଧରିଥିଲା। ସେହିପରି କଲେଜରେ ବିଲ୍ଡିଂ ଓ ଶୌଚାଳୟ ନିର୍ମାଣ, ବହିକିଣା ପାଇଁ ଆସିଥିବା ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଦୁର୍ନୀତି ହୋଇଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ପ୍ରିନ୍ସିପାଲ ନ ହଟିବା ପର୍ଯ୍ୟନ୍ତ କଲେଜରେ ଆନ୍ଦୋଳନ ଜାରିରହିବ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ । ଜିଲାପାଳ ନ ଆସିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଉଠିବେ ନାହିଁ ବୋଲି ଛାତ୍ରୀଛାତ୍ରମାନେ ଜିଦ୍ ଧରିଥିଲେ । ଖବରପାଇ ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

# ବହି ପ୍ରତି ମଣିଷ ପାଇଁ ଜୀବନୀଶକ୍ତି




ବହି ମେଳାର ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ପ୍ରଥମ ମହିମା ବହି ମେଳାର ତୃତୀୟ ସନ୍ଧ୍ୟା

**ଢେଙ୍କାନାଳ,୨୫।୩(ରତନ ନାୟାର)**

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ପ୍ରଥମ ମହିମା ବହି ମେଳାର ତୃତୀୟ ସନ୍ଧ୍ୟାରେ ବହି ଓ ବହିମେଳା ଶୀର୍ଷକ ବୌଦ୍ଧିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି କହିଲେ ଯେ, ବହି ଓ ବହିମେଳା ପ୍ରତ୍ୟେକ ମଣିଷର ଜୀବନିଶକ୍ତି। ଚାପଗ୍ରସ୍ତ ଜୀବନରୁ ମୁକ୍ତ ଭାବନା ମଧ୍ୟରେ ବିଚରଣ କରିବା ପାଇଁ ବହିର ଆବଶ୍ୟକତା ରହିଛି । ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବହି ପଢିଲେ ମଣିଷର ଜ୍ଞାନ ବଢିବ । ତେଣୁ ବହିମେଳା ସମସ୍ତଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତା । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ ଯୋଗଦେଇ ମଣିଷ ଜୀବନରେ ବହିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ମହିମା ବହି ମେଳାର ଆୟୋଜକ ନିଉ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ସଭାରେ ମଞ୍ଚାସୀନ ଥିଲେ । ଉତ୍ସବରେ ସଭାପତିତ୍ୱ କରି ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଟଳ ବିହାରୀ ଦାଶ କହିଲେ ଯେ, ବହି ମଣିଷ ଜୀବନକୁ ପରିବର୍ତ୍ତନ କରିବାରେ ମାର୍ଗଦର୍ଶକ ହୋଇଥାଏ । କଳା ସଂସ୍କୃତି ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବହି ମେଳାରେ ଲେଖକ ଗୋଲକ ବିହାରୀ ବେହେରାଙ୍କ ଲିଖିତ ଏକପଦି ଦୁଇପଦି କବିତା ପୁସ୍ତକ ଲୋକାର୍ପିତ ହୋଇଥିଲା ।

# ଉଫୁନା ପକ୍ଷରୁ ଶୋକସଭା

**ଢେଙ୍କାନାଳ,୨୫।୩(ରତନ ନାୟାର)**

ଢେଙ୍କାନାଳ ରଥଗଡାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଉଫୁନାର ସର୍ବଭାରତୀୟ ଉପସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଏକ ଶୋକସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ଚିଫ୍ ଇଞ୍ଜିନିୟର ଅକ୍ଷୟ କୁମାର ଶତପଥୀ, ପ୍ରଫେସର ଦିଲ୍ଲୀପ ନନ୍ଦ, କବି ବାହାଦୁର ପାଢ଼ସାହାଣୀ, ପରିବେଶବିତ୍ ଡଃ ଉପେନ୍ଦ୍ର ରାଉତ, ଡଃ ପ୍ରମୋଦ ନାୟକ ପ୍ରମୁଖ ଡା. ପ୍ରଧାନଙ୍କର ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ । ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଁଦିଆରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ଢେଙ୍କାନାଳ,୨୫।୩(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ଆଞ୍ଚଳିକ ବିକାଶ ମଞ୍ଚ ଆନୁକୂଲ୍ୟରେ ରବିବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଗଁଦିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ମଳୟ ସିଂହଙ୍କ ଅଧ୍ୟକ୍ଷତାରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ସୁଧିର କୁମାର ସାମଲ, ପୂର୍ବତନ ବିଧାୟକ ନବୀନ ନନ୍ଦ, ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ ଓ ଶୁଭଦର୍ଶିନୀ ପରିଡା, ନବ ସାମଲ, ଶୋରିଷିଆପଦା ସରପଞ୍ଚ ପ୍ରଦୀପ ରାଉତ, ସମାଜସେବୀ ବେଣୁଧର ପାତ୍ର, ଖଗେଶ୍ୱର ମହାନ୍ତି, ରାଘବ ମହାରଣା, ତାପସ ରାଉତ, ଡମ୍ବରୁଧର ସେଠୀ, ଷଡଙ୍ଗୀ ସେବା ସମବାୟ ସମିତି ସଭାପତି ଗୋବର୍ଦ୍ଧନ ନାୟକ, ରତନପୁର ସେବା ସମବାୟ ସମିତି ସଭାପତି ଦୁଃଖବନ୍ଧୁ ଦାସ, ସରୋଜ ମହାଲିକ, ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ କପିଳାସ ବେଦ କର୍ମକାଣ୍ଡ ବିଦ୍ୟାଳୟର ପିଲାମାନେ ବେଦପାଠ କରିଥିଲେ ।

# ଢେଙ୍କାନାଳ କଲେଜ ବାଣିଜ୍ୟ ବିଭାଗର ବାର୍ଷିକ ପାଠଚକ୍ର



ପାଠଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ଢେଙ୍କାନାଳ,୨୫।୩(ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତର ବାଣିଜ୍ୟ ବିଭାଗର 'ଆକାଉଣ୍ଟିଙ୍ଗ ଷ୍ଟାଣ୍ଡାର୍ଡସ୍ ଆଣ୍ଡ ରେଗୁଲେଶନ ଫର ଫାଇନାନ୍ସିଆଲ ରିପୋର୍ଟିଂ: ଦ କି ଟୁ ଇନଫର୍ମଡ୍ ଫାଇନାନ୍ସିଆଲ ଡିସିସନ୍ସ' ସମ୍ପର୍କିତ ଏକ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପାଠଚକ୍ରରେ କଲେଜର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରବିନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଜନୀକାନ୍ତ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭାଗର ଅଧ୍ୟାପିକା ରାଧା ଅଗ୍ରୱାଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବାଣିଜ୍ୟ ବିଭାଗର ପାଠଚକ୍ର ପୁସ୍ତିକା 'ଦ ଏକ୍ସପ୍ଲୋର' ଓ ପ୍ରାଚୀର ପତ୍ରିକା 'ଦ ଇନୋଭେସନ' ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ଡ. ସୌମ୍ୟା ନନ୍ଦ, ଅଧ୍ୟାପକ ଡ. ସମ୍ବିତ କୁମାର ସାହୁ, ଶକ୍ତି ପ୍ରସାଦ କବିଶତପଥୀ ଓ ଆଦିତ୍ୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଧ୍ୟାପିକା ସୌମ୍ୟା ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ । କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ସୌମ୍ୟବ୍ରତଙ୍କୁ ଭାରତ ଲାଠିର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ




ମନୋନୀତ ହୋଇଥିବା ଇଂ. ସୌମ୍ୟବ୍ରତ ସାହୁ।

**ଢେଙ୍କାନାଳ,୨୫।୩(ରତନ ନାୟାର)**

ତାମିଲନାଡୁ ପଲାନିଠାରେ ଆୟୋଜିତ ଭାରତ ଲାଠି ସ୍ପୋର୍ଟ ଫେଡରେସନର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତ ଲାଠିର ଉନ୍ନତି ନିମନ୍ତେ ସହ-ସଂପାଦକ ଭାବେ ଓଡ଼ିଶା ଲାଠି ସ୍ପୋର୍ଟ ଆସୋସିଏସନର ସଂପାଦକ ଢେଙ୍କାନାଳ ଜିଲାର ଇଂ ସୌମ୍ୟବ୍ରତ ସାହୁ ମନୋନୀତ ହୋଇଛନ୍ତି। ଶନିବାର ଓ ରବିବାର ଦୁଇଦିନ ଧରି ଏହି ସ୍ୱତନ୍ତ୍ର ତାଲିମ ଶିବିରରେ ରେଫେରୀ ତାଲିମ ସହ ଲାଠି ଖେଳର ନିୟମ ଆଦି ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ସାରା ଭାରତର ବିଭିନ୍ନ ରାଜ୍ୟର ପ୍ରତିନିଧି ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ଏମଜେଏଫ. ଏଲଏନ. ଏନ ମାଲସାମୀ, ଭାରତ ଲାଠି ସ୍ପୋର୍ଟ ଫେଡେରେସନର ସାଧାରଣ ସଂପାଦକ ମାଷ୍ଟର ସାମ୍ଭାଜି ଏଚ୍ ଛାଭାନ, ତାମିଲନାଡୁର ସଂପାଦକ ମାରିଆପନ, ଟେକନିକାଲ ଡ଼ାଇରେକଟର ଅବୁଲ କଲାମ, କୋଷାଧ୍ୟକ୍ଷ ଏ. ରଗୁମନ ସେତୁ ପ୍ରମୁଖଙ୍କୁ ନୂତନ କମିଟିର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସୌମ୍ୟବ୍ରତ ତାଇକୋଣ୍ଡୋ, ସ୍କେଟିଂ ଓ ପେନଚାକ ସିଲାଟ ଖେଳ ସଂଘର ବିଭିନ୍ନ ପଦପଦବୀ ରହି କାର୍ଯ୍ୟ ତୁଲାଇ ଆସୁଛନ୍ତି ।

# ଲର୍ଡ ନୃତ୍ୟ ମହୋତ୍ସବ

**ଢେଙ୍କାନାଳ,୨୫।୩(ରତନ ନାୟାର):**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଓ ଢେଙ୍କାନାଳ ଲର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଜିଲା ଲେଖକ ସଂସଦ ଭବନ ସଭାଗୃହରେ ଲର୍ଡ ଅନୁଷ୍ଠାନ ନିର୍ଦ୍ଦେଶକ ଭାରତ ଭୂଷଣ ବେହେରାଙ୍କ ପୌରୋହିତ୍ୟରେ, କାର୍ଯ୍ୟକ୍ରମ ସଂଚାଳକ ଜିତେନ୍ଦ୍ର ବେହେରାଙ୍କ ସଂଯୋଜନାରେ ୪ର୍ଥ ଲର୍ଡ ନୃତ୍ୟ ମହୋତ୍ସବ ସୋମବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ସୌଦାମିନୀ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାହିତ୍ୟ, ସଙ୍ଗୀତ, ନୃତ୍ୟ, କଳା ଓ ସଂସ୍କୃତି ଗୋଟିଏ ଜାତିର ଅସ୍ମିତାର ପ୍ରତୀକ ଓ ପରିଚୟ ବହନ କରିଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡେପୁଟି କମିଶନର ଅଫ ଜିଏସଟି ସଞ୍ଜିତ୍ କୁମାର ସାହୁ, ଅବସରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ଶିଳ୍ପୀ ପରେଶ ପଟ୍ଟନାୟକ ଯୋଗଦେଇ ନୃତ୍ୟ ସଂଗୀତ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଭାରତ ଭୂଷଣ ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଲୋକନୃତ୍ୟ ଓ ଭାରତର ବିଭିନ୍ନ ରାଜ୍ୟର ଲୋକପ୍ରିୟ ନୃତ୍ୟ ପରିବେଷଣ ହୋଇଥିଲା । ଜିତେନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶୁଭଶ୍ରୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।



ମହୋତ୍ସବରେ ଅତିଥିମାନେ ସମ୍ମାନିତ କରୁଛନ୍ତି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

**କାମାକ୍ଷାନଗର, ୨୫।୩**
**(ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେକୁଲା ନିକଟରେ ସୋମବାର ସନ୍ଧ୍ୟାରେ ଅନ୍ୟଏକ ଘଟଣାରେ ଗିରିଶ ଚନ୍ଦ୍ର ଲୋହାର (୪୨) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଖମାର ଅଞ୍ଚଳରେ ବୋଲି ଜଣାପଡିଛି। ରେକୁଲାଠାରେ ରାସ୍ତାରେ ପିଚୁ କାମ ଚାଲିଥିବା ସମୟରେ ରାସ୍ତାରେ ଛିଡା ହୋଇଥିବା ହାଇୱା ପଛରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଠିକାଦାରଙ୍କ କାମ କରିବା ସମୟରେ ରାସ୍ତାରେ କୌଣସି ସୂଚନା ନଦେଇ କାର୍ଯ୍ୟ କରୁଥିବା ପାଇଁ ଗୋଟିଏ ଦିନରେ ୪ଟି ଜୀବନ ଯାଇଛି।

# ରାଶନ ଚାଉଳରେ ସୀମିତ ସରକାରୀ ସହାୟତା

**ଓଡ଼ାପଡ଼ା, ୨୫।୩ (ରଞ୍ଜିତ ନାୟକ)**

## ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ କାହ୍ନୁ ନାଏକ

ଢ଼େଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଫୁଟା ଗ୍ରାମ ହରିଜନ ବସ୍ତିର କାହ୍ନୁ ନାଏକ ଜଣେ ଶାରୀରିକ ଅକ୍ଷମ। ଗରିବମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଥିଲେ ମଧ୍ୟ ସବୁ ଯୋଜନା ଯେ ଗରିବମାନଙ୍କ ପହଞ୍ଚେ ନାହିଁ ତାହା କାହ୍ନୁଙ୍କୁ ଦେଖିଲେ ସ୍ପଷ୍ଟ ହୋଇଯିବ। କାହ୍ନୁର ପରିବାର କହିଲେ ସ୍ତ୍ରୀ, ୫ବର୍ଷର ପୁଅ, ୭ ବର୍ଷର ଝିଅ ଏବଂ ୭୦ ବର୍ଷର ବିଧବା ମା'। କାହ୍ନୁ ଗତ ୫ ବର୍ଷ ଧରି ଦୂରାରୋଗ୍ୟ ବ୍ୟାଧିର ଶିକାର ହୋଇ ଭଙ୍ଗାରୁଜା ଦଦରା ଘରେ ପଡି ରହିଛନ୍ତି। ସେମାନଙ୍କ ପରିବାରକୁ ସରକାରୀ ସହାୟତା ଭାବରେ ମାସକୁ ୨୦ କିଲୋ ଚାଉଳ ମିଳୁଛି । ଅନ୍ୟାନ୍ୟ ସରକାରୀ ଯୋଜନା ସେମାନଙ୍କ ଭାଗ୍ୟରେ ନାହିଁ। ସବୁ କଚ୍ଚାଘରକୁ ପକ୍କା କରିବା ଲକ୍ଷ୍ୟରେ ସରକାରୀ ଅଧିକାରୀମାନେ ଘର ଘର ବୁଲି ସର୍ଭେ କରୁଛନ୍ତି। କିନ୍ତୁ କାହ୍ନୁ ନାଏକଙ୍କ ଭଙ୍ଗା ଦଦରା ଘରକୁ କେହି ଆଡ଼ ଆଖିରେ ଚାହୁଁ ନଥିବା କାହ୍ନୁ ଅଭିଯୋଗ କରିଛନ୍ତି। ଗତ ଏକ ମାସ ତଳେ କାହ୍ନୁଙ୍କ କଚ୍ଚା ଘରକୁ ବଣୁଆ ହାତୀ କିଛି ଅଂଶ ଭାଙ୍ଗି ଦେଇଥିଲା। ଏଯାଏଁ ତାହା କାହ୍ନୁ ମରାମତି କରିପାରୁ ନାହାନ୍ତି। ଘର ଖଣ୍ଡିଏ କରିବା ପାଇଁ ଆର୍ଥିକ ସହାୟତା ନିମନ୍ତେ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ କାହ୍ନୁ ନାଏକଙ୍କ ଅନୁରୋଧକୁ ବିଚାରକୁ ନେଇ ନଥିବା କାହ୍ନୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଦାଲୁ ପଞ୍ଚାୟତ ସରପଞ୍ଚ କ୍ରୀଷ୍ଣା ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ତାଙ୍କ ସମୟରେ କୌଣସି ଆବାସ ଯୋଜନା ଆସିନଥିଲା। ଏବେ ଅନଲାଇନରେ ଆବେଦନ କରନ୍ତୁ।



କାହ୍ନୁ ଓ ତାଙ୍କ ସ୍ତ୍ରୀ।

# ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଢେଙ୍କାନାଳ,୨୫।୩(ରତନ ନାୟାର)**

ଚଳିତ ବର୍ଷ ଓଡ଼ିଶା ଦିବସ ପାଳନ ନିମନ୍ତେ ମଙ୍ଗଳବାର ମଧ୍ୟାହ୍ନରେ ଜିଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି ଅଧ୍ୟକ୍ଷତା କରି ଓଡ଼ିଶା ଦିବସ ଉତ୍ସବ ପାଳନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲାର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ୍, ଶିଳ୍ପାନୁଷ୍ଠାନ, ବାଣିଜ୍ୟ ପ୍ରତିଷ୍ଠାନ, ନିଜସ୍ୱ ଗୃହ ଆଦିରେ ସନ୍ଧ୍ୟାରେ ଆଲୋକରେ ସଜ୍ଜିତ କରିବାକୁ ସେ ଅନୁରୋଧ କରିଥିଲେ । ଓଡ଼ିଶା ଦିବସ ପାଳନ ଅବସରରେ ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଡ଼ାକବାଜି ଯନ୍ତ୍ରଦ୍ୱାରା ପରିବେଷଣ କରାଯିବ । ସକାଳ ୮ ଘଟିକା ସମୟରୁ ଗାନ୍ଧୀ ପାର୍କସ୍ଥିତ ମହାତ୍ମା ଗାନ୍ଧୀ, ସିଭିଲ କୋର୍ଟ ଛକସ୍ଥିତ ମଧୁବାବୁ, ଡ଼ାକ ବଙ୍ଗଳା ସମ୍ମୁଖସ୍ଥ ଲାଲ ବାହାଦୂର ଶାସ୍ତ୍ରୀ, ଶ୍ରୀବଳରାମ ମନ୍ଦିର ନିକଟସ୍ଥ ସାରଙ୍ଗଧର ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ରଥଗଡ଼ା ମାର୍କେଟ କଂପ୍ଲେକ୍ସ ସ୍ଥିତ ବିଜୁ ପଟ୍ଟନାୟକ, ଟାଉନହଲ ସ୍ଥିତ ଗୋପବନ୍ଧୁ ଦାସ, ଜିଲା କାର୍ଯ୍ୟାଳୟ ସମ୍ମୁଖସ୍ଥ ଆମ୍ବେଡକର, ଷ୍ଟାଡିୟମ ପାର୍ଶ୍ୱସ୍ଥ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ଲୋକ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବରିଷ୍ଠ ଅଧିକାରୀମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ସହରସ୍ଥିତ ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୌରପାଳିକା ପକ୍ଷରୁ ମାଲ୍ୟାର୍ପଣ କରାଯିବ। ସଂଧ୍ୟା ସାଢେ ୬ଟାରେ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଜିଲାସ୍ତରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଓଡ଼ିଆ ବକ୍ତୃତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବେ। ଏହାପରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଚିତ୍ତାକର୍ଷକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଦିଲ୍ଲିପଚାନ୍ଦ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କମକର୍ତ୍ତାଗଣ ଉପସ୍ଥିତ ରହି ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସଂର୍ପକ ଅଧିକାରୀ ଅଭିଷେକ ବେହେରା କାର୍ଯ୍ୟକ୍ରମ ଆୟୋଜନ ସଂର୍ପକରେ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଜିଲାସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ ଆସନ୍ତା ୩୧ ତାରିଖ ଦିନ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗତାରେ ଅଂଶଗ୍ରହଣ କରିବେ ଏବଂ କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନିତ କରାଯିବ।



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

# ଆଲୁମିନିୟମ ପାର୍କର ହେବ ସମ୍ପ୍ରସାରଣ

ଅନୁଗୋଳ,୨୫।୩(ମାନସ ବିଶ୍ୱାଳ)



ଅଂଶୀଦାରଙ୍କ ପରାମର୍ଶ ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ ଜିଲା ଆଲୁମିନିୟମ ପାର୍କର ଦକ୍ଷତା ବିକାଶ କେନ୍ଦ୍ରରେ ଏକ ସମ୍ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ପାଇଁ ଅଂଶୀଦାରଙ୍କ ପରାମର୍ଶ ବୈଠକ ସହରସ୍ଥିତ ଡିଆଇସି ସମ୍ମିଳନୀ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଭାରତରେ ପ୍ରଯୁକ୍ତିବିଦ୍ୟା/ସମ୍ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା ପଦକ୍ଷେପର ଅଂଶସ୍ୱରୂପ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ସାରା ଦେଶରେ ୨୦ଟି ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଏବଂ ୧୦୦ଟି ସମ୍ପ୍ରସାରଣ କେନ୍ଦ୍ର ସ୍ଥାପନ କରୁଛି। ଏହି କେନ୍ଦ୍ରଗୁଡିକ ପ୍ରଯୁକ୍ତିବିଦ୍ୟା ସହାୟତା, ବ୍ୟବସାୟ ବିକାଶ ସେବା ଏବଂ ତାଲିମ ପ୍ରଦାନ କରିବେ। ଏହି ପ୍ରକଳ୍ପ ଆଇଆରସିଓଏନ ଦ୍ୱାର କାର୍ଯ୍ୟକାରୀ କରାଯିବ, ଯେଉଁଥିରେ ଗ୍ରାଣ୍ଟ ଥ୍ରରଣ୍ଟନ ଭାରତ ଏଲ୍‌ଏଲ୍‌ପି ଜ୍ଞାନ ଅଂଶୀଦାର ଭାବରେ କାର୍ଯ୍ୟ କରିବେ। ଆଇଆରସିଓଏନର ସିଜିଏମ୍ ମାସୁଦ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ ଏବଂ ଅନୁଗୋଳରେ ସମ୍ପ୍ରସାରଣ କେନ୍ଦ୍ର ସ୍ଥାପନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି କେନ୍ଦ୍ର ଭୁବନେଶ୍ୱର ସେଣ୍ଟ୍ରାଲ ଟୋଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ସହିତ ଏକ ହବ-ଆଣ୍ଡ-ସ୍ପୋକ ମେଡେଲ ଅଧୀନରେ କାର୍ଯ୍ୟ କରିବ। ଗ୍ରାଣ୍ଟ ଥ୍ରରଣ୍ଟନ ଭାରତ ଏଲ୍‌ଏଲ୍‌ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବ କୁମାର ସାରା ଭାରତରେ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରଗୁଡିକର ସଫଳ ଉଦାହରଣ ବାଣ୍ଟିଥିଲେ। ବୈଠକରେ ସାଧାରଣ ପରିଚାଳକ ଡିଆଇସି ଅନୁଗୋଳ, ସହକାରୀ ନିର୍ଦ୍ଦେଶକ ଏମ୍‌ଏସ୍‌ଏମ୍‌ଇ ଡିଏଫଓ, ଆଇଡିସିର ଜିଲା ନିଯୁକ୍ତି ଓ ଦକ୍ଷତା ବିକାଶ ଅଧିକାରୀ, ସିଟିଟିସି ଭୁବନେଶ୍ୱର, ନାଲ୍‌କୋ, ଜିନ୍ଦଲ ପରି ପ୍ରମୁଖ ଶିଳ୍ପ ଓଏଏସ୍‌ଏମ୍‌ଇ, ପରି ଉଦ୍ୟୋଗ ସଙ୍ଗଠନ ଏବଂ ଆଲୁମିନିୟମ, ଧାତୁର ଘାତ, ଫର୍ନିଚର ଆଦି ବିଭିନ୍ନ କ୍ଷେତ୍ରର ଏମ୍‌ଏସ୍‌ଏମ୍‌ଇ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ପରିବା ବେପାରୀଙ୍କୁ ଆକ୍ରମଣ ଅଭିଯୋଗ

ଛେଣ୍ଡିପଦା,୨୫।୩(ଅଜିତ ଧଳ)

ଛେଣ୍ଡିପଦା ବସ୍‌ଷ୍ଟାଣ୍ଡଠାରେ ସାମାନ୍ୟ ବଚସାକୁ ନେଇ ଜଣେ ପରିବା ବେପାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ସାପୋଇସାହି ଗ୍ରାମର କୈଳାସ ବେହେରା ମଙ୍ଗଳବାର ଛେଣ୍ଡିପଦା ବସ୍‌ଷ୍ଟାଣ୍ଡଠାରେ ଥିବା ପରିବା ମାର୍କେଟରେ ପରିବା ବିକ୍ରି କରୁଥିବାବେଳେ ଗୋଛାୟତ ସାହିର ଦୀପକ ଗୋଛାୟତ ସେହି ରାସ୍ତାଦେଇ ବାଇକ୍ ନେଇ ଯାଉଥିବା ସମୟରେ ଜଣେ ଯୁବକଙ୍କୁ ଧକ୍କା ଦେଇଥିଲେ। ଏହା ଦେଖି କୈଳାଶ ଦୀପକଙ୍କୁ ବାରଣ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦୀପକ ଏଥିରେ ଉତ୍‌କ୍ଷିପ୍ତ ହୋଇ କୈଳାଶଙ୍କୁ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ କୈଳାଶଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କୈଳାଶ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ ୧୪୫/୨୫ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପ୍ରସ୍ତୁତି


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଅନୁଗୋଳ,୨୫।୩(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମହମ୍ମଦ ଅଖତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କେ. ଶ୍ରବଣକୁମାର ବିଗତ ବର୍ଷର ବିବରଣୀ ପାଠ କରିଥିଲେ। ବୈଠକର ନିଷ୍ପତ୍ତି ମୁତାବକ ଓଡ଼ିଶା ଦିବସ ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ 'ବନ୍ଦେ ଉତ୍କଳ ଜନନୀ' ଗାନ, ସହର ପରିକ୍ରମା ଓ ପ୍ରଭାତ ଫେରି କରାଯିବ। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ବକ୍ତୃତା, ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ରକ୍ତଭଣ୍ଡାର ଠାରେ ରକ୍ତ ଦାନ ଶିବିର ଆୟୋଜନ କରାଯିବ। ସନ୍ଧ୍ୟାରେ ସ୍ଥାନୀୟ ସଭାଘର ଠାରେ ସାଧାରଣ ସଭା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରାମିମ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଅବାଧ କାଠ ଚାଲାଣ ଅଭିଯୋଗ

ବଇଣ୍ଡା,୨୫।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ମଇମୁରା ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଧଣ୍ଡାତୋପା ରେଞ୍ଜ ନିକଟରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଜଙ୍ଗଲରେ କାଠ ମାଫିଆ ସକ୍ରିୟ ଥିବାରୁ ଆଗାମୀ ଦିନରେ ଜଙ୍ଗଲଟି ପଦା ହୋଇଯିବା ଆଶଙ୍କା କରାଯାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟ ଠାରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ମଇମୁରା ଅଞ୍ଚଳବାସୀ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ବନଖଣ୍ଡର ଧଣ୍ଡାତୋପା ରେଞ୍ଜକୁ ବନ ବିଭାଗ ପକ୍ଷରୁ ଆବଶ୍ୟକ ସୁରକ୍ଷା ଦିଆଯାଉ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଜଙ୍ଗଲରେ ୧୯୯୨ ମସିହାରେ ୧୧୬୫୫ ଶାଳ, ଶାଗୁଆନ, ଶିଶୁ ଗଛ ଲଗାଯାଇଥିଲା। ଏବେ ଗଛସବୁ ବଡ଼ ହୋଇଯାଇଥିବାରୁ ଜଙ୍ଗଲ ଅଧିକ ଘଞ୍ଚ ହୋଇଯାଇଛି। ଫଳରେ କାଠ ମାଫିଆ ସକ୍ରିୟ ହୋଇପଡ଼ିଛନ୍ତି। ବନ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ଏହି ମାଫିଆମାନେ ରାତିଅଧିଆ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛଗୁଡିକୁ କାଟି ଚୋରା ଚାଲାଣ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟରେ ଏହି ଜଙ୍ଗଲର କିଛି ଅଂଶ ସାତକୋଶିଆ ରେଞ୍ଜ ଅଧୀନରେ ଥିବା ଯୋଗୁ ବନ ବିଭାଗ ରାତ୍ରି ପାଟ୍ରୋଲିଂ କରୁ ନ ଥିବାରୁ କାଠ ମାଫିଆମାନେ ରାତିରେ ଗଛ କାଟିବାକୁ ନିରାପଦ ମଣୁଛନ୍ତି। ପୂର୍ବରୁ ଗ୍ରାମବାସୀ ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଉନାହିଁ। କିଛି ଦିନ ପୂର୍ବେ ଏହି ଜଙ୍ଗଲରୁ କାଠ ଗଣ୍ଡି ଚାଲାଣ ହେଉଥିବା ବନ ବିଭାଗକୁ ସୂଚନା ଦିଆଯାଇଥିଲା। କିନ୍ତୁ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିବା ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଏଥିପ୍ରତି ବନ ବିଭାଗ ଉଚ୍ଚ ପଦାଧିକାରୀ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବଭ୍ରୁବାହାନ ସାହୁଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ।

# ଅନୁଗୋଳ ମହାବିଦ୍ୟାଳୟ ସଂସ୍କୃତ ବିଭାଗରେ କର୍ମଶାଳା

ଅନୁଗୋଳ,୨୫।୩ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସରକାରୀ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ସଂସ୍କୃତ ବିଭାଗ ଏବଂ ଜାତୀୟ ସେବା ଯୋଜନା ତରଫରୁ ଶ୍ରଦ୍ଧା ଓ ଜୀବନର ସଫଳତା ଶୀର୍ଷକ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଆଚାର୍ଯ୍ୟା ସାମିନୀ ଆତ୍ମିକାନନ୍ଦ ସରସ୍ୱତୀ ଯୋଗଦେଇ ଶ୍ରଦ୍ଧାର ଲକ୍ଷଣ ଓ ତାତ୍ତ୍ୱିକ ଅର୍ଥ ତଥା ବିଭାଗ ତ୍ରୟ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ନୀଳାଚଳ ପଟେଲ ଦୈନନ୍ଦିନ ଜୀବନରେ ଶ୍ରୀମଦ୍ ଭଗବଦ୍ ଗୀତାର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସଂସ୍କୃତ ବିଭାଗ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ସ୍ୱାଇଁ ଗୀତା କେବଳ ସଂସ୍କୃତ ଛାତ୍ରୀଛାତ୍ରମାନଙ୍କ ପାଇଁ ନୁହେଁ ସାରା ଜଗତର ମାନବ ଧର୍ମ ପାଇଁ ଉଦ୍ଦିଷ୍ଟ ବୋଲି ମତ ଦେଇଥିଲେ। ଦର୍ଶନ ବିଭାଗ ମୁଖ୍ୟ ସୁଲଗ୍ନା ଚୌଧୁରୀ ଗୀତା ସମସ୍ତ ସମସ୍ୟାର ସମାଧାନର ଏକ ଦିଗ ବୋଲି ଅଭିହିତ କରିଥିଲେ। ଏଥିରେ ସଂସ୍କୃତ ବିଭାଗ ଅଧ୍ୟାପିକା ଓ ଅଧ୍ୟାପକ, ଇଂରାଜୀ ବିଭାଗ ପ୍ରଫେସର ମନୋରଞ୍ଜନ ମିଶ୍ର, ଅଭୟ କୁମାର ମଲ୍ଲିକ, ଅର୍ଥନୀତି ବିଭାଗ ପ୍ରଫେସର ଡ. ନାରାୟଣ ନାୟକ ତଥା ଦର୍ଶନ ବିଭାଗର ସୁଲଗ୍ନା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାର ସମ୍ପାଦକ ଛାତ୍ର ସାଗର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ବିଭୂତି ସାହୁ ଓ ବାପି ବେହେରା ସହଯୋଗ କରିଥିଲେ। ସଂସ୍କୃତ ବିଭାଗ ବରିଷ୍ଠ ଅଧ୍ୟାପକ ଡ. ନାରାୟଣ ଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ।


ଶ୍ରଦ୍ଧା ଓ ଜୀବନର ସଫଳତା ଶୀର୍ଷକ ଦିନିକିଆ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

# ଦଶଦୋଳ ଯାତ୍ରା ଉଦ୍‌ଯାପିତ


ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ବଅଁରପାଳ,୨୫।୩ (ସୁବାସ ସାହୁ)

ବଅଁରପାଳ ବ୍ଲକ ଲଙ୍ଗୁଳିଆବେଡ଼ା ଗ୍ରାମ ଯତନନଗର ସାହିରେ ଦଶଦୋଳ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ ସଭାପତି ବ୍ରଜେନ୍ଦ୍ର ନାରାୟଣ ବିଶ୍ୱାଳଙ୍କ ବାସଭବନରୁ ତ୍ରିନାଥ ଠାକୁରଙ୍କୁ ଅଣାଯାଇ ଦୋଳମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ପୂର୍ବତନ ସଭାପତି ଅକ୍ଷୟ କୁମାର ବିଶୋୟୀଙ୍କ ବାସଭବନରୁ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା ପରେ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଢୋଲବାଦ୍ୟ, ଲଉଡ଼ି ଖେଳ, ରାଧାକୃଷ୍ଣଙ୍କ ବେଶ ସହ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ଗୋପାଳମାନେ ସାମିଲ ହୋଇଥିଲେ। ପରେ ଗ୍ରାମ ଚନ୍ଦ୍ରଶେଖର ମନ୍ଦିରରେ ହରିହର ଭେଟ କରାଯାଇଥିଲା। ଶୋଭାଯାତ୍ରା ଯାତ୍ରା ପଡିଆରେ ପହଞ୍ଚିବା ପରେ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ଦୋଳିରେ ବସାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଗୋଲେଖ ମହାପାତ୍ର ପୂଜାର୍ଚ୍ଚନା କରିଥିବାବେଳେ ନିରୋଦ ମହାପାତ୍ର ନୂତନ ପାଞ୍ଜି ପାଠ କରିଥିଲେ। ଯାତ୍ରା କମିଟି ସଭାପତି ସୁଶୀଲ ଦାଶ, ସମ୍ପାଦକ ବିରାଜ ସାହୁ, ସନ୍ତୋଷ ଦାଶ, ବିନୋଦ ବିଶୋୟୀ, ସାଗର, ବିରେନ, ଲିଟୁ, ଜିତେନ ଓ ଅରୁଣଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ୨ ରାତି ଅପେରା ପରିବେଷଣ କରାଯାଇଥିଲା

# ମିଳିତ ସହଯୋଗରେ ଶିକ୍ଷାନୁଷ୍ଠାନର ଉନ୍ନତି ସମ୍ଭବ


ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

ଆଠମଲ୍ଲିକ, ୨୫।୩(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ କୁଟେଶ୍ୱରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରାକାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଧରଣୀଧର ସେଠୀ, ମୁଖ୍ୟବକ୍ତା ଭାବେ ଶିକ୍ଷକ ଛବି ନାରାୟଣ ସିଂ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଭୁବନେଶ୍ୱର ସ୍ୱାଇଁ, ସମିତି ସଭ୍ୟା ପ୍ରତିମା ଦେହୁରୀ, ଶିକ୍ଷକ ପ୍ରଦୀପ କୁମାର ବାହୁକ, ଶିକ୍ଷକ ନରେନ୍ଦ୍ର ମିର୍ଦ୍ଧା ପ୍ରମୁଖ ଯୋଗଦେଇ ମିଳିତ ସହଯୋଗରେ ଶିକ୍ଷାନୁଷ୍ଠାନର ଉନ୍ନତି ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନନ୍ଦିଆ, ଶିକ୍ଷୟିତ୍ରୀ ମୀନାକ୍ଷୀ ନାଏକ, ବାସନ୍ତୀ ମାହାଲି ଓ କର୍ମଚାରୀ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା, ଡ୍ରେନ୍ ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ବଇଣ୍ଡା,୨୫।୩(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର କଦଳୀମୁଣ୍ଡାଠାରେ ଏକ ସ୍ଥାୟୀ ପକ୍କା ରାସ୍ତା ସହ ଏନ୍‌ଏଚ୍ କଡ଼ରେ ଡ୍ରେନ୍ ନିର୍ମାଣ କରିବା ପାଇଁ ସୋମବାର କଦଳୀମୁଣ୍ଡା ଅଞ୍ଚଳବାସୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ଅନୁଗୋଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, କଦଳୀମୁଣ୍ଡାଠାରେ ରେଲୱେ ଲାଇନ୍ ଯାଇଥିବା ଯୋଗୁ ଏହି ଅଞ୍ଚଳରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ସହ ୪ ଥାକିଆ ରାସ୍ତା କରାଯାଇଛି। ହେଲେ ସର୍ଭିସ ରୋଡ୍ ସହ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଇ ନାହିଁ। ବିଶେଷକରି, ଫ୍ଲାଏ ଓଭର ବ୍ରିଜ୍ ଥିବାବେଳେ ସର୍ଭିସ ରାସ୍ତା ନ ଥିବା ଯୋଗୁ କଦଳୀମୁଣ୍ଡା ଗାଁ ସାହିକୁ ଯିବାଆସିବାରେ ଅସୁବିଧା ହେଉଛି। ଡ୍ରେନ୍ ନିର୍ମାଣ ହୋଇ ନ ଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ପାଣି ଆସି ଲୋକଙ୍କ ଘର ଭିତରେ ପଶୁଛି। ଡ୍ରେନ୍ ଓ ଗାଁକୁ ପକ୍କା ରାସ୍ତାଟିଏ ନିର୍ମାଣ ପାଇଁ କଦଳୀମୁଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ପୂର୍ବରୁ ବହୁବାର ଏନ୍‌ଏଚ୍‌ଏଆଇ, ଆର୍‌ଡିସିଙ୍କ ସମେତ ଜାତୀୟ ରାଜପଥ କାମ କରୁଥିବା ଠିକାସଂସ୍ଥାକୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ତୁରନ୍ତ ଦାବି ପୂରଣ ପାଇଁ ସରପଞ୍ଚ ଦୀପ୍ତିମୟୀ ସାହୁ, କୈଳାସ ପ୍ରଧାନ, କୈଳାସ ସାହୁ, ଗୋପୀନାଥ ସାହୁ, ଅନିଲ କୁମାର ସାହୁ, ମିଥୁନ କୁମାର ଦାସ, ପ୍ରକାଶ ପ୍ରଧାନ, ପ୍ରୀତିରଞ୍ଜନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ପ୍ରତିନିଧିମଣ୍ଡଳୀ।

# ଦଶଦୋଳ ଅବସରରେ ଲଉଡ଼ିଖେଳ


ଦଶଦୋଳ ଅବସରରେ ଲଉଡ଼ି ଖେଳ ପରିବେଷଣ କରାଯାଉଛି।

ବଇଣ୍ଡା,୨୫।୩(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ ଡଙ୍ଗିଆଣି ଗ୍ରାମରେ ସୋମବାର ଦଶ ଦୋଳଯାତ୍ରା ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ଏହି ଯାତ୍ରାରେ ପଟୁଆରରେ ପ୍ରଭୁ ରାଧାକୃଷ୍ଣଙ୍କୁ ନଗର ପରିକ୍ରମା କରାଯାଇ ଯାତ୍ରା ପଡ଼ିଆକୁ ଅଣାଯିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ସେଠାରେ ରୀତିନୀତି ଅନୁସାରେ ପୂଜା କରାଯିବା ସହ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲା ଯାଇଥିଲା। ସୁସଜ୍ଜିତ ଆଲୋକମାଳାରେ ଯାତ୍ରା ପଡ଼ିଆ ଝଲସି ଉଠିଥିଲା। ଗ୍ରାମ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରଯାଇଥିଲା। ଏଥିରେ ଲଉଡ଼ି ଖେଳ, ଘଣ୍ଟବାଦ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରକାର ଦୋଳି ସାଙ୍ଗକୁ ଦୋକାନ ବଜାରର ଭିଡ଼ ଯାତ୍ରା ପଡ଼ିଆରେ ଦେଖିବାକୁ ମିଳିଥିଲା। ଏଥିରେ ଯାତ୍ରା କମିଟିର ମନୋରଞ୍ଜନ ପ୍ରଧାନ, ଶରତ ପ୍ରଧାନ, ଅବିନାଶ ପ୍ରଧାନ, ଚୈତନ୍ୟ ପ୍ରଧାନ, ଦୀପକ ସେଠୀ, ଧନୁ ବାରିକ, ଅନାଦି ପ୍ରଧାନ, କନ୍ଦର୍ପ ବେହେରାଙ୍କ ସହ ଅଞ୍ଚଳବାସୀ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରଦ୍ଧାଞ୍ଜଳି ଜଣାଇଲେ କେନ୍ଦ୍ରମନ୍ତ୍ରୀ, ଉଦ୍ୟୋଗପତି

ତାଳଚେର,୨୫।୩ (ମନୋଜ ନନ୍ଦ)


ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଓ ଏମ୍‌ପି ତଥା ଶିଳ୍ପପତି ନବୀନ ଜିନ୍ଦଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗର ନବମ ଦିନରେ ମଙ୍ଗଳବାର ତାଳଚେର ହାଣ୍ଡିଧୁଆଁ ନିବାସଠାରେ କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଏମ୍‌ପି, ବିଧାୟକ, ପ୍ରାକ୍ତନ ମନ୍ତ୍ରୀ, ଉଦ୍ୟୋଗପତି ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି, କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏମ୍‌ପି ବିପ୍ଳବ ଦେବ, ଏମ୍‌ପି ତଥା ଶିଳ୍ପପତି ନବୀନ ଜିନ୍ଦଲ, ବିହାରର ନଗର ଉନ୍ନୟନ ମନ୍ତ୍ରୀ ଜିବେଶ କୁମାର ଓ ଜଳ ଯୋଗାଣ ମନ୍ତ୍ରୀ ନିରଜ ସିଂହ ବବଲୁ, ଏମ୍‌ପି କିରନ ଚୌଧୁରୀ, କାର୍ତ୍ତିକ ଶର୍ମା, ଡ. ଅନିଲ ଗୁପ୍ତା, ଧର୍ମବୀର ସିଂହ ଚୌଧୁରୀ, ଏମଏଲସି ଅଶୋକ କାଟରିଆ ପ୍ରମୁଖ ପହଞ୍ଚି ସ୍ୱର୍ଗତ ଡା. ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ସଂଘର ଜିଲା କାର୍ଯ୍ୟବାହ ଅନିଲ ମହାନ୍ତି, ବରିଷ୍ଠ ନେତା କାଳନ୍ଦୀ ସାମଲ, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ଜୋନାଲ ମିଡିଆ ସେଲ୍ ପ୍ରଭାରୀ ପର୍ଶୁରାମ ବାରିକଙ୍କ ସମେତ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛି ଜେଏସ୍‌ପି

ଛେଣ୍ଡିପଦା,୨୫।୩ (ଅଜିତ ଧଳ)

## ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜେଏସ୍‌ପିର ଜିଏମ୍ ଏଚ୍‌ଆର୍ ଶରତ କିଶୋର ପଣ୍ଡା ଯୋଗଦେଇ ଜେଏସ୍‌ପି ସର୍ବଦା ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଗୁଣାତ୍ମକ ଶିକ୍ଷା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡିଏଭି ଆଞ୍ଚଳିକ ଅଧିକାରୀ ଜୋନ୍ ଜି ତଥା ଡିଏଭି ଅନନ୍ତ ବିହାରର ଅଧ୍ୟକ୍ଷା ଜ୍ୟୋତି ମିଶ୍ର, ଅନୁଗୋଳ ଜେଏସ୍‌ପି ଜିଏମ୍ ସିଏସ୍‌ଆର୍ ଜୟନ୍ତ କୁମାର ମହାନ୍ତି, ଜେଏସ୍‌ପି ଡିଜିଏମ୍ ସିଏସ୍‌ଆର୍ ଆଶୁତୋଷ ମିଶ୍ର, ଜେଏସ୍‌ପି ଅନୁଗୋଳର ସୁବାସ ରାୟ, ଏନ୍‌ଟିପିସି ଟିଟିପିଏସ୍ ଡିଏଭିର ଏଚ୍‌ଏସ୍‌ସି ଶୁଭେନ୍ଦୁ ଶେଖର ବୋଷ, ଅଧ୍ୟକ୍ଷ ଡିଏଭି ଏନ୍‌ଟିପିସି କଣିହାଁ ଏଲ୍. କେ. ଦେବତା, ଅଧ୍ୟକ୍ଷ ଡିଏଭି ଏନ୍‌ଟିପିସି, ଟିଟିପିଏସ୍ ସମୀର କାନୁନ୍‌ଗୋ, ଅଧ୍ୟକ୍ଷା ଡିଏଭି ଲିଙ୍ଗରାଜ ଏରିଆ ସଂଯୁକ୍ତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'ଆଦ୍ୟାଂଶ'ର ସପ୍ତମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଛାତ୍ରୀଛାତ୍ର ଓ ଦଶମ ବୋର୍ଡ ପରୀକ୍ଷାରେ ରାଜ୍ୟର ସର୍ବାଧିକ ନମ୍ବର ରଖିଥିବା ବିଷୟ ସାମାଜିକ ବିଜ୍ଞାନ ପାଇଁ ଶିକ୍ଷୟିତ୍ରୀ ସ୍ମିତା ରାଣୀ ଖିଲାରି, ହିନ୍ଦୀ ବିଷୟ ପାଇଁ ଜୁଲି ପାଣି ଓ ଜୋନ୍‌ସ୍ତରରେ ଉତ୍ତମ କ୍ରୀଡ଼ା ନୈପୁଣ୍ୟ ପାଇଁ କ୍ରୀଡ଼ା ଶିକ୍ଷକ କୃଷ୍ଣ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁମିତା ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ତଥା ବ୍ୟଙ୍ଗ କବି ଚିତ୍ତରଞ୍ଜନ ଓଝା କବିତା ପାଠ କରିଥିଲେ। ଚିତ୍ତରଞ୍ଜନ ଦାସ, ପ୍ରଦ୍ୟୁମ୍ନ ଜେନା, ଦେବବ୍ରତ ପଣ୍ଡା, ସରୋଜ ଭୂତିଆ, ଅକ୍ଷୟ କୁମାର ନାୟକ, ଶୁଭ୍ରାଂଶୁ କୁମାର ଶତପଥୀ, ସସ୍ମିତା ସାହୁ, ସୁଶ୍ରୀ ଏରିକ ଏକ୍କୋମା, ସୋମନାଥ ବେହେରା, ଜଗନ୍ନାଥ ମହାପାତ୍ର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

